# Akashvani, Sambalpur

## SAMBALPURI NEWS BULLETIN

### 26 December 2024- 6.47- 6.52 am.

*********************************************

ବୀର୍ ବାଲ୍ ଦିବସ୍ I&PR

ବୀର୍ ବାଲ୍ ଦିବସ୍ ଉଧେ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ଠାନେ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ପ୍ରଦାନ୍ କର୍‌ବେ । ୭ ଟା ଭିନ୍ ଭିନ୍ ବର୍ଗଥି ସଫଲ୍ ହେଇଥିବା ୧୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୧୭ ଝନ୍ ଛୁଆମାନ୍‌କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମ୍ମାନିତ୍ କର୍‌ବେ ।

ହେନ୍ତା ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ମଏଧାନର୍ ୧୨ ବଜେ ବୀର୍ ବାଲ୍ ଦିବସ୍ କାର୍ଯ୍ୟକ୍ରମ୍ ଆୟୋଜିତ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ବିଜେତାମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କରିକରି ସାରା ଦେଶର୍ ଛୁଆମାନ୍‌କୁ ଉଦ୍‌ବୋଧନ୍ ଦେବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ସୁପୋଷିତ

ଗ୍ରାମ୍ ପଂଚାୟତ୍ ଅଭିଯାନ୍‌ର ଶୁଭାରମ୍ଭ କରିକରି ଭଲ୍ କାମ୍ କରିଥିବା ହଜାରେଟା ପଂଚାୟତ୍‌କେ ପୁରସ୍କୃତ୍ କର୍‌ବେ ।

୧୦ ହଜାର୍ ନୂଆଁ ଏମ୍‌ପେକ୍ସ ପି.ଆଇ.ବି.

କେନ୍ଦ୍ର ସ୍ୱରାଷ୍ଟ୍ର ଆର୍ ସମବାୟ ମନ୍ତ୍ରୀ ଅମିତ୍ ଶାହା ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ୧୦ ହଜାର୍ ନୂଆଁକରି ହେଇଥିବା ବହୁମୁଖୀ ପ୍ରାଥମିକ କୃଷି ଋଣ ସମିତି- ଏମ୍‌ପେକ୍ସ, ଦୁଗ୍ଧ ଆର୍ ମତ୍ସ୍ୟ ଉତ୍ପାଦନ୍ ସମିତିର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ଶାହା କହିଛନ୍ ଯେ, ୧୦ ହଜାର୍‌ଟା ପ୍ରାଥମିକ ସମବାୟ ସମିତି ପଞ୍ଜିକରଣ୍‌ଥି ନାବାର୍ଡ଼ , ଏନ୍‌ଡିଡିବି ଆର୍ ଏନ୍‌ଏଫ୍‌ଡିବିର ବହୁତ୍ ବଡ଼ ଭୂମିକା ରହିଛେ । ପ୍ରାଥମିକ ସମବାୟ ସମିତି ଆମର୍ ଦେଶର୍ ତ୍ରିସ୍ତରୀୟ ସମବାୟ ଢାଂଚାକେ ସର୍ବାଧିକ ଶକ୍ତି ଦେଇପାର୍‌ବା ଆର୍ ସେଥିର୍‌ଲାଗି ସର୍‌କାର୍ ୨ ଲାଖ୍ ପେକ୍ସ ତିଆର୍ କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ ବଲି ଶ୍ରୀ ଶାହା କହିଛନ୍ ।

ସୁଭଦ୍ରା- ମୁଖ୍ୟମନ୍ତ୍ରୀ ସିଏମ୍‌ଓ

ଆଏବା ମାର୍ଚ୍ଚ ମାସେ ସୁଭଦ୍ରା ଯୋଜ୍ନାର୍ ୨ ନମ୍ବର୍ କିସ୍ତି ଟଙ୍କା ଏକାଉଂଟ୍କେ ଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍ନା ଦେଇଛନ୍ । ଜାନୁଆରୀ ଶେଷ୍ତକ୍ ଓଡ଼ିଶାର୍ ୧ କୋଟି ନୁ ଅଏତ୍କା ଯୋଗ୍ୟ ମହିଲା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତି ଟଙ୍କା ଦିଆଯିବା ବଲି ଭୁବ୍ନେଶ୍ୱର୍ ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍ନା କରିଛନ୍ । ଆଘୋନୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାର୍ଚ୍ଚ ୮ ତାରିଖ୍ନୁ ୨ ନମ୍ବର୍ କିସ୍ତି ଟଙ୍କା ମିଲ୍ବା ବଲି କହିଥିଲେ ।

ଖରିଫ୍ ମାଣ୍ଡିଆ ସଂଗ୍ରହ I&PR

ଇ ବଛର୍ ଖରିଫ୍ ମଡ଼ିଆ ଘିନ୍ବାର୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଯାଇଛେ । ଡିସେମ୍ବର୍ ୩୧ ତାରିଖ୍ତକ୍ ପଞ୍ଜିକରଣ୍ ଚାଲ୍ବା । ଇ ସମିଆ ଭିତ୍ରେ ମଡ଼ିଆ ବିକ୍ବାର୍ ଲାଗି କୃଷକ ଓଡ଼ିଶା ତାଲିକାଥି ଥିବା ଚାଷୀମାନେ ନିଜର୍ ଆଖର୍ ପାଖର୍ ଦାୟିତ୍ୱ ପାଇଥିବା କୃଷକ୍ ସଂଗଠନ୍, ପେକ୍ସ, ଲେମ୍ପସ, ମହିଲା ଏସ୍ଏଚ୍ଜି ଜରିଏ ପଞ୍ଜିକୃତ ହେଇପାର୍ବେ । ୨୦୨୫

ଜାନୁଆରୀ ୧ ତାରିଖ୍‌ନୁ ଖରିଫ୍ ମଡ଼ିଆ ଘିନା ମୁଲ୍ ହେବା ଆର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ପ୍ରକ୍ରିୟା ଚାଲ୍‌ବା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପିଏମ୍‌ଏୱାଇ          ଭୁବନେଶ୍ୱର୍ ସମ୍ବାଦଦାତା

ଗୃହ ଆଉ ନଗର ଉନ୍ନୟନ୍ ଅଧୀନ୍‌ଥି ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ୍ - ଓୟୁଏଚ୍‌ଏମ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା- ସହରୀ ଟୁ ପଏଂଟ୍ ଜିରୋ ଅଧୀନ୍‌ଥି ଆବେଦନ୍ ଗ୍ରହଣ୍ ପ୍ରକ୍ରିୟା ମୁଲ୍ କର୍‌ବାର୍‌କେ ସର୍‌କାର୍  ସବୁ ପୌର ସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ଆବାସର୍ ଆଘର୍ ଖେପ୍ ବାଗିର୍ ଇ ଖେପେ ଭିଲ୍ ଆବେଦନ୍ ମାନ୍‌କୁ ଭାରତ୍ ସର୍‌କାର୍‌ଙ୍କର୍ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରଣାଲୟର୍ ୱେବ୍ ପୋର୍ଟାଲ୍ ଜରିଏ ଗ୍ରହଣ୍ କରାଯିବା । ଯୋଗ୍ୟ ହିତାଧିକାରୀମାନ୍‌କର୍ ଠିକ୍ ଭାବେ ଆବେଦନ୍ ପ୍ରକ୍ରିୟା ଲାଗି ପୌରସଂସ୍ଥା ମାନେ ହେଲ୍ପଡେସ୍କ ଖୁଲିକରି ୱାର୍ଡ଼ ମାନ୍‌କେ ସଚେତନ୍‌ତା ଶିବିର ଆୟୋଜନ୍ କର୍‌ବାର୍ ଲାଗି ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ୍ ପରାମର୍ଶ ଦେଇଛେ ।

ବାମଣ୍ଡା କପ୍ କ୍ରିକେଟ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଦେବ୍‌ଗଡ଼୍ ଠାନେ ବାମଣ୍ଡା କ୍ରିକେଟ୍ କ୍ଲବ୍ ତରଫୁ ହେଇଥିବା ୩୪ ନମ୍ବର୍ ଜାତୀୟ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଗଲା ୩୪ ବରସ୍ ହେଲା ଯୁଆନ୍ ବର୍ଗଙ୍କର୍ ଭିତ୍‌ରେ ଖେଲ୍‌ର ମନୋଭାବ୍‌କେ ତହଁକାବାର୍ ଉଦ୍ଧେଶ୍‌ଥି ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର ଆୟୋଜନ୍‌କେ ପ୍ରଶଂସା କରିଥିଲେ ।

ଲୋକ୍‌ମହୋତ୍ସବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ଜାନୁଆରୀ ମାସେ ସମ୍ବଲ୍‌ପୁର୍ ଠାନେ ହେବାର୍‌କେ ଥିବା ଲୋକ୍‌ମହୋତ୍ସବ୍ ଲାଗି ବୀର୍ ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ଚିତ୍ର କର୍ମଶାଳା ଅନୁଷ୍ଠିତ୍ ହେଇଯାଇଛେ । ଇଥି ଭିନ୍ ଭିନ୍ ସ୍କୁଲ୍ ଆର୍ କଲେଜ୍‌ନୁ ବହୁତ୍ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ । ସେଆଡ଼େ ଆଏଜ୍ ସମଲେଶ୍ୱରୀ ମନ୍ଦିର୍‌ନୁ ଆଜ୍ଞାମାଳ ଆସ୍‌ବାର୍ ଉତ୍‌ରୁ ଦିନର୍ ୧୧ ବଜେ ପିଏଚ୍‌ଡି ପଡ଼ିଆଠାନେ ଭୂମିପୂଜନ୍ କାର୍ଯ୍ୟକ୍ରମ୍ ହେବା ବଲି ସୂଚ୍‌ନା ମିଳିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ପଶ୍ଚିମକେ ଲାଗିକରି ଥିବା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ସକ୍ରିୟ ଥିବା ଲଘୁଚାପ୍ର ବଲେ ରାଜ୍ୟର୍ ଭିନ୍ ଭିନ୍ ଠାନେ ବର୍ଷା ଲାଗିରହିଛେ । ଉପକୂଲ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ସାଙ୍ଗେ କଲାହାଣ୍ଡି ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଜବର୍ ବର୍ଷା ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ହେଲେ ଆଏଜ୍ଠାନୁ ବର୍ଷା ଟିକେ କମ୍ବା ଆର୍ ଶୀତ୍ ବଢ଼୍ବା ବଲି ପାଣିପାଗ୍ କେନ୍ଦ୍ର କହିଛେ ।